# NATIONAL NEWS BULLETIN (ODIA)
## 22 April - 2024
## Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ ଆଜି ଉତ୍ତରପ୍ରଦେଶର ଆଲିଗଡ଼ରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରିବେ ।
- ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ପ୍ରଚାର ଜୋରଦାର ।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପଦ୍ମ ପୁରସ୍କାର ପ୍ରଦାନ କରିବେ ।
- ଦକ୍ଷିଣ ଗାଜାର ରାଫା ସହରରେ ଇସ୍ରାଏଲର ଆକ୍ରମଣରେ ୧୮ ଶିଶୁଙ୍କ ସମେତ ୨୨ ଜଣଙ୍କ ମୃତ୍ୟୁ ଘଟିଛି ।

ଏବଂ

- ଆଇପିଏଲ୍‌ରେ ଗତକାଲି ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ୧ ରନ୍‌ରେ କୋଲ୍‌କାତା ନାଇଟ ରାଇଡର୍ସ ପରାସ୍ତ କରିଛି ।

# ପ୍ରଧାନମନ୍ତ୍ରୀ-ଆଲିଗଡ଼ ରାଲି

ପ୍ରଧାନମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ ଆଜି ଉତ୍ତରପ୍ରଦେଶର ଆଲିଗଡ଼ରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରିବେ। ଚଳିତ ମାସ ୨୬ ତାରିଖରେ ହେବାକୁ ଥିବା ଲୋକସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ଆଲିଗଡ଼ ସଂସଦୀୟ କ୍ଷେତ୍ର ରେ ମତଦାନ ପାଇଁ ପ୍ରସ୍ତୁତି ଚାଲିଛି ।

ଏହି ଆସନରେ ବର୍ତ୍ତମାନର ସାଂସଦ ତଥା ବିଜେପି ପ୍ରାର୍ଥୀ ସତୀଶ ଗୌତମ, ସମାଜବାଦୀ ପାର୍ଟିର ଚୌଧୁରୀ ବିଜେନ୍ଦ୍ର ସିଂହ ଏବଂ ବହୁଜନ ସମାଜ ପାର୍ଟିର ହିତେନ୍ଦ୍ର କୁମାରଙ୍କ ମଧ୍ୟରେ ତ୍ରିକୋଣୀୟ ମୁକାବିଲା ହେବ।

# ଇଲେକ୍ସନ

ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ପ୍ରଚାର ଜୋରଦାର ହୋଇଛି । ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ରାଜନୈତିକ ନେତାମାନେ ସବୁ ପ୍ରକାର ପ୍ରୟାସ କରୁଛନ୍ତି ।

ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ପ୍ରଚାର ଶେଷ ହେବାକୁ ଆଉ ୨ ଦିନ ବାକି ଥିବା ବେଳେ ରାଜନୈତିକ ଦଳର ନେତାମାନେ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ଗୋଟିଏ ପରେ ଗୋଟିଏ ରାଲି ଓ ରୋଡ୍ ସୋ କରି ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ସବୁ ପ୍ରକାର ପ୍ରୟାସ ଚଳାଇଛନ୍ତି।

ଚଳିତ ମାସ ୨୬ ତାରିଖରେ କେରଳର ୨୦ଟି, କର୍ଣ୍ଣାଟକର ୧୪ଟି, ରାଜସ୍ଥାନର ୧୩ଟି, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରର ୮ଟି ଲେଖାଏଁ, ମଧ୍ୟପ୍ରଦେଶର ୭ଟି, ଆସାମ ଓ ବିହାରର ୫ଟି ଲେଖାଏଁ, ପଶ୍ଚିମବଙ୍ଗ ଓ ଛତିଶଗଡ଼ର ୩ଟି ଲେଖାଏଁ ଏବଂ ତ୍ରିପୁରା ଓ ଜମ୍ମୁ-କଶ୍ମୀରର ଗୋଟିଏ ଲେଖାଏଁ ଆସନରେ ମତଦାନ ହେବ।

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜସ୍ଥାନର ଜାଲୋର ଏବଂ ବାଂଶୱାରାରେ ନିର୍ବାଚନୀ ରାଲିକୁ ସମ୍ବୋଧିତ କରିଛନ୍ତି। ଦେଶରେ ଏକ ସ୍ଥିର ସରକାର ର ଆବଶ୍ୟକତା ରହିଛି । ଯେଉଁ ସରକାର ଯୁବକମାନଙ୍କ ସ୍ୱପ୍ନକୁ ବୁଝିପାରିବ ଏବଂ ସେହି ଅନୁଯାୟୀ ନୀତି ପ୍ରସ୍ତୁତ କରିପାରିବ ଏବଂ ମହିଳା, କୃଷକ, ଗରିବ, ବଞ୍ଚିତ, ଆଦିବାସୀ ଓ ପଛୁଆ ବର୍ଗର ଲୋକଙ୍କ ଯତ୍ନ ନେଇପାରିବ । ସେହିଭଳି ସଂକଳ୍ପକୁ ନେଇ ଦେଶକୁ ବିକାଶର ଶୀର୍ଷରେ ପହଞ୍ଚାଇବା ଲାଗି ସେ କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି। କଂଗ୍ରେସ ଏକ ସୁଯୋଗବାଦୀ ମେଣ୍ଟ ଗଠନ କରିଛି ବୋଲି ଶ୍ରୀ ମୋଦୀ ଅଭିଯୋଗ କରିବା ସହ ଦେଶକୁ ଏଭଳି ମେଣ୍ଟକୁ ଶାସନ ଦାୟିତ୍ୱ ହସ୍ତାନ୍ତର କରାଯିବା ଉଚିତ ନୁହେଁ ବୋଲି କହିଛନ୍ତି।

ମୁର୍ଶିଦାବାଦର ସିଲିଗୁଡ଼ି, ନରସିଂହପୁର ଏବଂ ମାଲଦାର ନାଲାଗୋଲାଠାରେ ଜନସଭା କରି ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ସରକାରରେ

ପଶ୍ଚିମବଙ୍ଗର ମହିଳାମାନେ ସୁରକ୍ଷିତ ନଥିବା ସନ୍ଦେଶଖାଲି ଘଟଣା ପ୍ରମାଣିତ କରିଛି ।

ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ, ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ସଂଖ୍ୟାଲଘୁ ଓ ଏସସି/ଏସଟି ଲୋକଙ୍କ ସମେତ ସାଧାରଣ ଲୋକଙ୍କୁ ଅବହେଳା କରୁଥିବା ଅଭିଯୋଗ କରିଛନ୍ତି ।

କଟିହାରରେ ଏକ ସାଧାରଣ ସଭାରେ ଭାଜପା ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଅଭିଯୋଗ କରିଛନ୍ତି ଯେ  କଂଗ୍ରେସ ଓ ଆରଜେଡି ନେତୃତ୍ୱାଧୀନ ମହାମେଣ୍ଟ ବିହାରକୁ ପୁଣି ଥରେ ଜଙ୍ଗଲରାଜକୁ ଠେଲିବାକୁ ଚାହୁଁଛନ୍ତି । କେବଳ ଏନଡିଏ ହିଁ ରାଜ୍ୟର ଉନ୍ନତି ପାଇଁ କାମ କରିପାରିବ ବୋଲି ସେ କହିଛନ୍ତି ।

ଉତ୍ତରପ୍ରଦେଶରେ ବିଏସପି ସୁପ୍ରିମୋ ମାୟାବତୀ, ବିଜେପିର କାର୍ଯ୍ୟ ଏବଂ କଥାରେ ବହୁତ ଫରକ ରହିଥିବା କହିଛନ୍ତି । ଅମରୋହା ଓ ଗାଜିଆବାଦରେ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ସେ କହିଛନ୍ତି ଯେ ବିଜେପିର ଗ୍ୟାରେଣ୍ଟି ଚଳିତ ନିର୍ବାଚନରେ କୌଣସି କାମରେ ଆସିବ ନାହିଁ ।

ବରିଷ୍ଠ ବିଜେପି ନେତା ଅନୁରାଗ ସିଂହ ଠାକୁର ଅଭିଯୋଗ କରିଛନ୍ତି ଯେ କଂଗ୍ରେସ ପାର୍ଟି ସମ୍ବିଧାନ ପରିବର୍ତ୍ତନ ପ୍ରସଙ୍ଗରେ ଲୋକଙ୍କ ମଧ୍ୟରେ

ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଜଳନ୍ଧରରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, କ୍ଷମତାରେ ଥିବା ବେଳେ କଂଗ୍ରେସ ଦଳ ନିଜେ ୬୨ ଥର ସମ୍ବିଧାନ ସଂଶୋଧନ କରିଛି।

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା କହିଛନ୍ତି ଯେ ବିଜେପି ଗତ ୧୦ ବର୍ଷ ମଧ୍ୟରେ ଏକ ସ୍ଥିର ସରକାର ଦେଇଛି ଯାହା ତିନି ତଲାକ ପ୍ରଥା ଏବଂ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ସମାଧାନରେ ସାହାଯ୍ୟ କରିଛି । ବିଜେପି ମହାମେଣ୍ଟର ପ୍ରାର୍ଥୀ ପ୍ରତାପରାଓ ଯାଦବଙ୍କ ପାଇଁ ପ୍ରଚାର କରିବା ପାଇଁ ଶ୍ରୀ ନଡ୍ଡା ବୁଲଧାନା ଜିଲ୍ଲାର ସଂଗ୍ରାମପୁର ତାଲୁକାରେ ଏକ ସାଧାରଣ ସଭା କରିଥିଲେ।

## ଗୁଜରାଟ-ଲୋକସଭା ନିର୍ବାଚନ

ଗୁଜରାଟରେ ଲୋକସଭା ନିର୍ବାଚନ ପାଇଁ ୩୨୮ ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ବୈଧ ରଖାଯାଇଥିବା ବେଳେ ବିଧାନସଭା ଉପନିର୍ବାଚନ ପାଇଁ ୨୭ ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ମଞ୍ଜୁର ହୋଇଛି। ଗତକାଲି ନାମାଙ୍କନ ପତ୍ର ଯାଞ୍ଚ ହୋଇଥିଲା। ସୁରତରୁ କଂଗ୍ରେସ ଲୋକସଭା ପ୍ରାର୍ଥୀ ନିଲେଶ କୁମ୍ଭାନୀଙ୍କ ନାମାଙ୍କନ ପ୍ରସ୍ତାବକଙ୍କ ଦସ୍ତଖତ ତ୍ରୁଟି ଯୋଗୁଁ ତାଙ୍କ ପ୍ରାର୍ଥିପତ୍ର ଖାରଜ ହୋଇଛି। କଂଗ୍ରେସର ବଦଳ ପ୍ରାର୍ଥୀ ସୁରେଶ ପଦସଲାଙ୍କ ନାମାଙ୍କନ ପତ୍ର ମଧ୍ୟ ଅବୈଧ ହୋଇଛି । ତେଣୁ ସୁରଟ ଆସନରେ କୌଣସି କଂଗ୍ରେସ ପ୍ରାର୍ଥୀ ନିର୍ବାଚନ ଲଢ଼ିପାରିବେ ନାହିଁ ।

ଗାନ୍ଧିନଗର ଲୋକସଭା ଆସନରେ ସର୍ବାଧିକ ୩୦ ଜଣ ପ୍ରାର୍ଥୀ ଥିବା ବେଳେ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ବରଦୋଲି ଲୋକସଭା ଆସନରେ ସର୍ବନିମ୍ନ ୩ ଜଣ ପ୍ରାର୍ଥୀ ଅଛନ୍ତି ।

ଗୁଜରାଟରେ ଲୋକସଭା ନିର୍ବାଚନ ପାଇଁ ମୋଟ ୪୩୩ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ବିଧାନସଭା ଉପନିର୍ବାଚନ ପାଇଁ ୩୭ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଆଜି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ଥିବାରୁ ସଂସଦୀୟ ନିର୍ବାଚନ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀଙ୍କ ସଂଖ୍ୟା ଆଜି ସୁଦ୍ଧା ସ୍ପଷ୍ଟ ହୋଇଯିବ ।

## ପଦ୍ମ ପୁରସ୍କାର

ରାଷ୍ଟ୍ରପତି ଭବନରେ ଆୟୋଜିତ ସିଭିଲ୍ ଇନଭେଷ୍ଟିଚ୍ୟୁସନ୍ ସମାରୋହରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମ ପୁରସ୍କାର ପ୍ରଦାନ କରିବେ। ଶ୍ରୀମତୀ ମୁର୍ମୁ ଆଜି ପୂର୍ବତନ ଉପରାଷ୍ଟ୍ରପତି ଏମ୍ ଭେଙ୍କେୟା ନାଇଡୁ ଏବଂ ଭରତନାଟ୍ୟମ୍ ନୃତ୍ୟଶିଳ୍ପୀ ଡ. ପଦ୍ମ ସୁବ୍ରମଣ୍ୟମଙ୍କୁ ପଦ୍ମବିଭୂଷଣ ପ୍ରଦାନ କରିବେ । ବିନ୍ଦେଶ୍ୱର ପାଠକଙ୍କୁ ମରଣୋତ୍ତର ଭାବେ ପଦ୍ମବିଭୂଷଣ ପୁରସ୍କାର ପ୍ରଦାନ କରାଯିବ । ଅଭିନେତା ମିଥୁନ ଚକ୍ରବର୍ତ୍ତୀ ଏବଂ ଗାୟିକା ଉଷା ଉଥୁପଙ୍କୁ ପଦ୍ମଭୂଷଣ ପୁରସ୍କାର ପ୍ରଦାନ କରାଯିବ । ପଦ୍ମଭୂଷଣ ପୁରସ୍କାର ପାଇଥିବା ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ଡାକ୍ତର ସୀତାରାମ ଜିନ୍ଦଲ, ହୃଦ୍ ରୋଗ ବିଶେଷଜ୍ଞ ଡାକ୍ତର ତେଜସ

ମଧୁସୂଦନ ପଟେଲ ଏବଂ ଉତ୍ତରପ୍ରଦେଶର ପୂର୍ବତନ ରାଜ୍ୟପାଳ ରାମ ନାଏକ ରହିଛନ୍ତି ।

ଦେଶର ଅନ୍ୟତମ ସର୍ବୋଚ୍ଚ ବେସାମରିକ ପୁରସ୍କାର ପଦ୍ମବିଭୂଷଣ, ପଦ୍ମଭୂଷଣ ଏବଂ ପଦ୍ମଶ୍ରୀ ଭଳି ତିନୋଟି ବର୍ଗରେ ପ୍ରଦାନ କରାଯାଇଥାଏ । କଳା, ସାମାଜିକ କାର୍ଯ୍ୟ, ଲୋକବ୍ୟାପାର, ବିଜ୍ଞାନ ଓ ଇଞ୍ଜିନିୟରିଂ, ବାଣିଜ୍ୟ ଓ ଉଦ୍ୟୋଗ, ଔଷଧ, ସାହିତ୍ୟ ଓ ଶିକ୍ଷା, କ୍ରୀଡ଼ା ଓ ପ୍ରଶାସନିକ ସେବା ସମେତ ବିଭିନ୍ନ ବିଭାଗ ଓ କାର୍ଯ୍ୟକ୍ଷେତ୍ରରେ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ଅସାଧାରଣ ଏବଂ ଉଲ୍ଲେଖନୀୟ ସେବା ପାଇଁ ପଦ୍ମବିଭୂଷଣ; ଉଚ୍ଚସ୍ତରୀୟ ଉଲ୍ଲେଖନୀୟ ସେବା ପାଇଁ ପଦ୍ମଭୂଷଣ ଏବଂ ଯେକୌଣସି କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଏ । ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ଏହି ପୁରସ୍କାରର ଘୋଷଣା କରାଯାଇଥାଏ ।

## ସିଡିଏସ ଜେନେରାଲ

ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନିଲ ଚୌହାନ ଫ୍ରାନ୍ସ ଗସ୍ତରେ ଯାଇଛନ୍ତି । ଗତ କିଛି ବର୍ଷ ମଧ୍ୟରେ ଦୁଇ ଦେଶ ମଧ୍ୟରେ ସୁଦୃଢ଼ ହୋଇଥିବା ପ୍ରତିରକ୍ଷା ସମ୍ପର୍କକୁ ଆହୁରି ବିକଖଶିତ କରିବା ଏହି ଗସ୍ତର ଉଦ୍ଦେଶ୍ୟ ।

ଏହି ଗସ୍ତ ସମୟରେ ଜେନେରାଲ ଅନୀଲ ଚୌହାନ ଫ୍ରାନ୍ସର ବରିଷ୍ଠ ବେସାମରିକ ଓ ସାମରିକ ନେତୃତ୍ୱଙ୍କ ସହ ଆଲୋଚନା କରିବାର

କାର୍ଯ୍ୟକ୍ରମ ରହିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ବିବୃତିରେ କହିଛି ଯେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍' ଫ୍ରାନ୍ସ ସ୍ପେସ୍ କମାଣ୍ଡ ଏବଂ ଲ୍ୟାଣ୍ଡ ଫୋର୍ସ କମାଣ୍ଡ ପରିଦର୍ଶନ କରିବେ ଏବଂ ଇକୋଲ ମିଲିଟେୟାର (ସ୍କୁଲ ଅଫ୍ ମିଲିଟାରି)ରେ ସେନା ଏବଂ ଯୁଗ୍ମ ଷ୍ଟାଫ୍ କୋର୍ସର ଛାତ୍ର ଅଧିକାରୀମାନଙ୍କୁ ସମ୍ବୋଧିତ କରିବେ । ସେ ଫ୍ରାନ୍ସର ସଫ୍ରାନ୍ ଗ୍ରୁପ୍, ନାଭାଲ୍ ଗ୍ରୁପ୍ ଏବଂ ଡାସଲ୍ଟ ଏଭିଏସନ୍ ସମେତ କେତେକ ପ୍ରତିଷ୍ଠିତ ପ୍ରତିରକ୍ଷା ଉଦ୍ୟୋଗ ପରିଦର୍ଶନ କରିବା ସହ ସେମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଜେନେରାଲ ଚୌହାନ ଭିଲେର୍ସ-ଗୁଇସଲେନଠାରେ ଥିବା ନ୍ୟୁଭ-ଚାପେଲ ସ୍ମାରକୀ ଏବଂ ଭାରତୀୟ ସ୍ମାରକୀ ପରିଦର୍ଶନ କରିବା ସହ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ସର୍ବୋଚ୍ଚ ବଳିଦାନ ଦେଇଥିବା ବୀର ଭାରତୀୟ ସୈନିକମାନଙ୍କ ସମ୍ମାନରେ ପୁଷ୍ପମାଲ୍ୟ ଅର୍ପଣ କରିବେ ।

## ଇସ୍ରାଏଲ- ଏୟାର ଷ୍ଟ୍ରାଇକ୍

ଦକ୍ଷିଣ ଗାଜାର ରାଫା ସହରରେ ଇସ୍ରାଏଲର ଆକ୍ରମଣରେ ୧୮ ଶିଶୁଙ୍କ ସମେତ ୨୨ ଜଣଙ୍କ ମୃତ୍ୟୁ ଘଟିଛି । ପାଲେଷ୍ଟାଇନ ସ୍ୱାସ୍ଥ୍ୟ ଅଧିକାରୀମାନେ କହିଛନ୍ତି ଯେ ରାଫାରେ ଇସ୍ରାଏଲ ପଟୁ ଆକ୍ରମଣରେ ଜଣେ ବ୍ୟକ୍ତି ଓ ତାଙ୍କ ପତ୍ନୀ ଏବଂ ସେମାନଙ୍କର ଛୋଟ ପିଲାଙ୍କ ମୃତ୍ୟୁ ଘଟିଛି । ଦ୍ୱିତୀୟ ଆକ୍ରମଣରେ ଗୋଟିଏ ପରିବାରର ୧୭ ଜଣ ଶିଶୁ ଓ ୨ ଜଣ ମହିଳାଙ୍କ ମୃତ୍ୟୁ ଘଟିଥିଲା ।

ଆମେରିକାର ପ୍ରତିନିଧିସଭା ଶନିବାର ଦିନ ଇସ୍ରାଏଲକୁ ୨୬.୩ ବିଲିୟନ ଡଲାର ସହାୟତା ପ୍ରଦାନ କରିବାର କିଛି ଘଣ୍ଟା ପରେ ଏହି ଆକ୍ରମଣ ହୋଇଛି । ଆମେରିକା ଦେଇଥିବା ସହାୟତା ରାଶିରୁ  ଗାଜା ଷ୍ଟ୍ରିପ୍ ପାଇଁ ୯ ବିଲିୟନ ଡଲାର ରହିଛି ।

ଗାଜାର ୨.୩ ନିୟୁତ ବାସିନ୍ଦାଙ୍କ ମଧ୍ୟରୁ ଅଧାରୁ ଅଧିକ ଆଶ୍ରୟ ନେଇଥିବା ରାଫାରେ ଇସ୍ରାଏଲ ପକ୍ଷରୁ ପ୍ରାୟ ପ୍ରତିଦିନ ଏୟାର ଷ୍ଟ୍ରାଇକ୍ ହେଉଛି। ଅନ୍ତର୍ଜାତୀୟ ସ୍ତରରେ ସଂଯମ ପାଇଁ ଆହ୍ୱାନ ସତ୍ତ୍ୱେ ଇଜିପ୍ଟ ସୀମାରେ ଥିବା ଏହି ସହରରେ ନିଜର ସ୍ଥଳଆକ୍ରମଣ ବିସ୍ତାର କରିବାକୁ ଇସ୍ରାଏଲ୍ କହିଛି।

## ମାଳଦ୍ୱୀପ ନିର୍ବାଚନ

ମାଳଦ୍ୱୀପରେ ରାଷ୍ଟ୍ରପତି ମହମ୍ମଦ ମୁଇଜଜୁଙ୍କ ଶାସକ ଦଳ ପିଏନସି ସଂସଦୀୟ ନିର୍ବାଚନରେ ବିପୁଳ ସଂଖ୍ୟାଗରିଷ୍ଠତା ହାସଲ କରିବ ବୋଲି ଫଳାଫଳରୁ ଜଣାପଡ଼ିଛି।

ମାଳଦ୍ୱୀପ ନିର୍ବାଚନ ଆୟୋଗ ର ଫଳାଫଳ ଅନୁଯାୟୀ ମୁଇଜୁଙ୍କ ପିପୁଲ୍ସ ନ୍ୟାସନାଲ କଂଗ୍ରେସ (ପିଏନସି) ୯୩ ସଦସ୍ୟ ବିଶିଷ୍ଟ ମଜଲିସ ବା ସଂସଦରେ ଘୋଷିତ ପ୍ରଥମ ୮୬ ଆସନ ମଧ୍ୟରୁ ୬୬ଟିରେ ବିଜୟୀ ହୋଇଛି। ତେବେ ପୂର୍ବରୁ ବହୁମତ ହାସଲ କରିଥିବା ମୁଖ୍ୟ ବିରୋଧୀ ଦଳ

ମାଳଦ୍ୱୀପ ଡେମୋକ୍ରାଟିକ୍ ପାର୍ଟି  ମାତ୍ର ଏକ ଡଜନ ଆସନ ରେ ପରାଜୟ ଆଡ଼କୁ ଗତି କରୁଛି।

 ମାଳଦ୍ୱୀପରେ ଗତକାଲି ଲୋକସଭା ନିର୍ବାଚନ ପାଇଁ ୮୧ ପ୍ରତିଶତ ମତଦାନ ହୋଇଥିଲା। ୨୦୧୯ ନିର୍ବାଚନରେ ୭୬% ମତଦାନ ହୋଇଥିବା ବେଳେ ଚଳିତଥର ମତଦାନ ବୃଦ୍ଧି ପାଇଛି। ପିପୁଲ୍ସ ମଜଲିସ ନିର୍ବାଚନରେ ୯୩ଟି ନିର୍ବାଚନ ମଣ୍ଡଳୀର ୩୬୮ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ପ୍ରତିନିଧି ଚୟନ ହେବ ।

# ଆଇପିଏଲ୍

ଆଇପିଏଲ୍‌ରେ ଗତକାଲି ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ଏକ ରୋମାଞ୍ଚକର ମ୍ୟାଚ୍‌ରେ ୧ ରନ୍‌ରେ କୋଲ୍‌କାତା ନାଇଟ ରାଇଡର୍ସ ପରାସ୍ତ କରିଛି । ଟସ୍ ଜିତି ଆର୍‌ସିବି ଫିଲ୍ଡିଂ କରିଥିଲା । କୋଲକାତା ଦଳ ବାଙ୍ଗାଲୋର ସମ୍ମୁଖରେ ୨୨୩ ରନ୍‌ର ବିଜୟ ଲକ୍ଷ୍ୟ ରଖିଥିଲା । ୱିଲ୍ ଜ୍ୟାକ୍ସ ଓ ରଜତ ପଟିଦାରଙ୍କ ଅର୍ଦ୍ଧଶତକ ବଳରେ ଆରସିବି ୨୨୧ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା ।

ଅନ୍ୟପକ୍ଷରେ ଗତକାଲି ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ' ପଞ୍ଜାବ କିଙ୍ଗ୍‌ସକୁ ୩ ୱିକେଟ୍‌ରେ ପରାସ୍ତ କରିଛି । ପଏଣ୍ଟ ତାଲିକାରେ ରାଜସ୍ଥାନ ଦଳ ୧ ନମ୍ବରରେ ଥିବା ବେଳେ ୨ ନମ୍ବରରେ କୋଲକାତା ଓ ୩ ନମ୍ବରରେ ହାଇଦ୍ରାବାଦ ଦଳ ରହିଛି । ଗତକାଲିର

ପରାଜୟ ପରେ ବାଙ୍ଗାଲୋର ଦର ଦଶମ ସ୍ଥାନରେ ରହିଛି । ଆଜି ଜୟପୁରରେ ରାତି ୭ଟା ୩୦ ମିନିଟ୍‌ରେ ରାଜସ୍ଥାନ ରୟାଲ୍‌ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ ।